# Akashvani, Sambalpur

## SAMBALPURI NEWS EVENING BULLETIN

## 07 October 2025- 7.02 pm- 7.12 pm.

*********************************************

୧- ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ ଲାଗି କଠିନ୍ ପରିଶ୍ରମ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଦେଲେ ଆହ୍ୱାନ୍ ।

୨- ଶ୍ରୀକ୍ଷେତ୍ର ପୁରୀ ନ ମୁଲ୍ ହେଲା କାର୍ତ୍ତିକ ବ୍ରତ ।

- ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ହବିଷ୍ୟାଳି ବ୍ରତ ସମାରୋହ ଉଦ୍‌ଘାଟିତ୍ ।

୩- କଟକ୍ ନୁ ହଟ୍‌ଲା କର୍ଫ୍ୟୁ- ଖୋବ୍ ଜଲ୍‌ଦି ସ୍ୱାଭାବିକ୍ ହେବା ଇଂଟର୍‌ନେଟ୍ ସେବା- କହେଲେ ପୁଲିସ୍ କମିଶନର୍ ।

ଆଉର୍

୪- ଜୟନ୍ତୀ ଅବ୍‌ସରେ ମହର୍ଷି ବାଲ୍ମିକୀଙ୍କୁ ସୁର୍‌ତା କଲେ ଦେଶ୍‌ବାସୀ ।

ପ୍ରଧାନ୍‌ମନ୍ତ୍ରୀ-୨୪ ବଛର୍ ପୂର୍ତି      ଏନ୍‌ଏସ୍‌ଡି

ଦେଶ୍ ଗଲା ୧୧ ବଛର୍ ଭିତ୍‌ରେ ଉଲ୍ଲେଖନୀୟ ପରିବର୍ତନ୍ ଦେଖିଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଗୁଜରାତ୍‌ର ମୁଖ୍ୟମନ୍ତ୍ରୀ ହେବାର୍‌ନୁ ମୁଲ୍ କରିକରି ପ୍ରଧାନ୍‌ମନ୍ତ୍ରୀ ହେବାର୍‌ତକ୍ ସର୍‌କାର୍ ମୁଖ୍ୟଭାବେ ଦେଶ୍‌ସେବାର୍ ୨୪ ବଛର୍ ପୂର୍ତି ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଆଏଜ୍ ସାମାଜିକ୍ ଗଣମାଧମ୍ ପୋଷ୍ଟ ଜରିଏ କହିଛନ୍, ଦେଶର୍ ମହିଲା, ଯୁଆନ୍ ପିଢ଼ି ଆଉ କୃଷକ୍‌ମାନ୍‌କର୍ ବିକାଶ୍ ଲାଗି ବହୁତ୍‌ଟେ ପଦକ୍ଷେପ୍ ନିଆଯାଇକରି ୨୫ କୋଟିନୁ ଅଏତ୍‌କା ଲୁକ୍‌କୁ ଗରିବୀନୁ ମୁକ୍ତ କରାଯାଇଛେ । ଏଛେନ୍ ଭାରତ୍ ବିଶ୍ୱସ୍ତର୍‌ଥି ଗୁଟେ ଉଜ୍ୱଲ୍ ଅର୍ଥନୀତି ଭାବେ ନିଜ୍‌କେ ଠିଆ କରିପାରିଛେ । ଇହାଦେ ଦେଶେ ବହୁତ୍ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଆଉ ସାମାଜିକ୍ ସୁରକ୍ଷା ଯୋଜ୍‌ନା କାର୍ଯ୍ୟକାରୀ କରାଯାଉଛେ । ସବୁ କ୍ଷେତ୍ର ନ ଭାରତ୍‌କେ ଆତ୍ମନିର୍ଭର୍ କର୍‌ବାର୍ ଲାଗି ବ୍ୟାପକ୍ ସଂସ୍କାର୍ ଅନାଯାଇଛେ । ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ଆଗ୍‌କେ ସମ୍‌କୁ ମିଶିକରି କାମ୍ କର୍‌ବାର୍‌କେ ପଡ଼୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । ତାଙ୍କର୍ ଶାସନ୍ ସମିଆଥି ସମ୍ବିଧାନ୍‌ର ମୂଲ୍ୟବୋଧ ତାଙ୍କର୍ ମାର୍ଗଦର୍ଶକ୍ ସାଜିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଶ୍ରୀମନ୍ଦିର-କୁମାରପୂର୍ଣ୍ଣିମା/ କାର୍ତ୍ତିକ ନୀତି        ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ଠାନୁ କାର୍ତ୍ତିକ ବ୍ରତ ମୁଲ୍ ହେଇଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନୁ ହବିଷ୍ୟାଲିମାନେ ପୁରୀକେ ପୁହୁଁଚିକରି ମାହାପୁରୁଙ୍କର୍ ରାଇ ଦାମୋଦର୍ ବ୍ରତ ପାଲନ୍ କରୁଛନ୍ । ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଇ ଅବ୍ସରେ ଆଏଜ୍ ହବିଷ୍ୟାଲି ବ୍ରତ ସମାରୋହ-୨୦୨୫ର ଆୟୋଜନ୍ କରାଯାଇଛେ । ସମାରୋହଥି ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ଙ୍କର୍ ସହେତେ ବିଧାୟକ୍ମାନେ ଯୋଗ୍ ଦେଇଛନ୍ । ଇତାର୍ସହେତେ ପ୍ରଶାସନ୍ ତର୍ଫୁ ୧ ହଜାର୍ ୯ ଶହ ୫୦ ଝନ୍ ହବିଷ୍ୟାଲିଙ୍କର୍ ରହେବାର୍ ଆଉ ବ୍ରତ ପାଲନ୍ କର୍ବାର୍ ଲାଗି ୪ ଟା ହବିଷ୍ୟାଲି ଶିବିର୍ ନ ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଛେ । ଶ୍ରୀମନ୍ଦିର୍ ନ ଶୃଙ୍ଖଲିତ୍ ଦର୍ଶନ୍ କର୍ବାର୍କେ ହବିଷ୍ୟାଲିମାନ୍କର୍ ଲାଗି ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା କରାଯାଇଛେ ।

ସେଆଡ଼େ କୁମାରପୂର୍ଣ୍ଣିମା ଲାଗି ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍କର୍ ସ୍ୱତନ୍ତ୍ର ନୀତିକାନ୍ତି କରାଯାଉଛେ । ପରମ୍ପରା ଅନ୍ସାରେ ମଧ୍ୟାହ୍ନ ଧୂପ ନୀତି ଶେଷ୍ ହେବାର୍ ଉତ୍ରୁ ଶ୍ରୀଦେବୀ ଆର୍ ଭୂଦେବୀଙ୍କୁ ଖଟଶେଯ ଘରେ ବିଜେ କରାଯାଉଛେ ।

ଇତାର୍ଉତ୍ରୁ ଆଜ୍ଞାମାଳ ପାଇକରି ଶ୍ରୀ ସୁଦର୍ଶନ୍ ମାହାପୁରୁ ଚଉଦଳ ନ ଚାରିଆଶ୍ରମ୍କେ ବିଜେ କରିଛନ୍ ।

ସେନେ ପନ୍ତୀଭୋଗ ଆର୍ ବନ୍ଦାପନା ନୀତି ସର୍ବାର୍ ଉତ୍ରୁ ପଶ୍ଚିମ ଦ୍ୱାର ଦେଇକରି ଶ୍ରୀମନ୍ଦିର୍କେ ଫିର୍ବେ । ସେଆଡ଼େ ବଡ଼ସିଂହାର ଭୋଗ ସର୍ଲେ ଶକଟା, ପଶା ଆର୍ କଉଡ଼ି ଖେଲ ହେବା । ଇ ଖେଲ୍ଥି ମହାଲକ୍ଷ୍ମୀଙ୍କର୍ନୁ ଶ୍ରୀ ଜଗନ୍ନାଥ୍ ହାରିଥିବାର୍ନୁ ମାହାପୁରୁଙ୍କର୍ ଚଳନ୍ତି ପ୍ରତିମା ଶ୍ରୀ ମାଧବ ୭ ଦିନ୍ ତକ୍ ଲକ୍ଷ୍ମୀ ମନ୍ଦିର୍ ନ ବନ୍ଧା ରହେବେ ।

କଟକ୍ କର୍ଫ୍ୟୁ ହି.ସ.

କଟକ୍ ସହର୍ ନ ଥିତି ସାମାଏନ୍ ହେବାର୍ ସହେତେ ଶାନ୍ତି ଫିର୍ବାର୍କେ ଲାଗିଛେ । ଇତାକେ ନଜର୍ଥି ରଖିକରି ପ୍ରଶାସନ୍ ତର୍ଫୁ ଆଏଜ୍ ୧୩ ଟା ଥାନା ଇଲାକା ନ ଲଗାଯାଇଥିବା କର୍ଫ୍ୟୁ କଟ୍କନା ପ୍ରତ୍ୟାହାର୍ କରାଯାଇଛେ ବଲି ପୁଲିସ୍ କମିଶନର୍ ଏସ୍. ଦେବଦତ ସିଂ ସୂଚ୍ନା ଦେଇଛନ୍ । ସେ କହିଛନ୍, କର୍ଫ୍ୟୁ ସମିଆଥି କେନ୍ସି ଭିଲ୍ ଅପ୍ରିତିକର ଥିତି ଦେଖା ନାଇଁ ଦେଇ । ହେଲେଭିଲ୍ ଥିତି ଉପ୍ରେ ନଜର୍ ରଖାଯାଇଛେ । ସମ୍ବେଦନ୍ଶୀଲ୍ ଜାଗାମାନ୍କେ ପୁଲିସ୍ର କଡ଼ା ପହରା ରହିଛେ । ପରିସ୍ଥିତି ଦେଖିକରି ଖୋବ୍ ଜଲ୍ଦି ଇଂଟର୍ନେଟ୍ ସେବା ଭିଲ୍ ସ୍ୱାଭାବିକ୍ କରାଯିବା ବଲି ଶ୍ରୀ ସିଂ କହିଛନ୍ ।

ମେଡ଼ିସିନ୍ -ନୋବେଲ୍ ପୁରସ୍କାର          ଆର୍ଏନ୍ୟୁ/ ସମ୍ବଲପୁର

ନୋବେଲ୍ କମିଟି ତର୍ଫୁ ଆଏଜ୍ ପଦାର୍ଥ ବିଜ୍ଞାନ୍ ଲାଗି ନୋବେଲ୍ ପୁରସ୍କାର୍ -୨୦୨୫ ଘୋଷ୍ନା କରାଯାଇଛେ । ଇ ବଛର୍ ଆମେରିକାର୍ ୩ ଝନ୍ ପଦାର୍ଥ ବିଜ୍ଞାନୀଙ୍କୁ ନୋବେଲ୍ ପୁରସ୍କାର୍ ମିଲ୍ବା । ବାର୍କଲେର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ଜନ୍ କ୍ଲାର୍କ, ସାଂଟାବାର୍ବରା କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର୍ ମାଇକଲ୍ ଏଚ୍. ଡିଭୋରେଟ୍ ଆର୍ ଜନ୍ ଏମ୍ ମାର୍ଟିନିସ୍ ସମ୍ମାନ୍ ଜନକ୍ ନୋବେଲ୍ ପୁରସ୍କାର୍ ପାଏବେ । ବୈଦ୍ୟୁତିକ ସର୍କିଟ୍ଥି ମାଇକ୍ରୋସ୍କୋପିକ୍ କ୍ୱାଂଟମ୍ ମେକାନିକାଲ୍ ଟନେଲ୍ ଆଉ ଶକ୍ତି ପରିମାଣ୍କରଣ୍ର ଆବିଷ୍କାର୍ ଲାଗି ତିନ୍ହି ଝନ୍କୁ ଇ ପୁରସ୍କାର୍ ଦିଆଯିବା ।

ମହର୍ଷି ବାଲ୍ମିକୀଙ୍କର୍ ଜୟନ୍ତୀ          ଆର୍ଏନ୍ୟୁ/ ସମ୍ବଲପୁର

ପବିତ୍ର ରାମାୟଣ୍ ଗ୍ରନ୍ଥର୍ ରଚୟିତା ମହର୍ଷି ବାଲ୍ମିକୀଙ୍କର୍ ଜୟନ୍ତୀ ଅବ୍ସରେ ଆଏଜ୍ ସାରା ଦେଶ୍ ତାଙ୍କୁ ସୁର୍ତା କରୁଛେ । ଦେଶର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ବାଲ୍ମିକୀ ଜୟନ୍ତୀ ପାଲନ୍ କରାଯାଉଛେ । ମହର୍ଷି ବାଲ୍ମିକୀଙ୍କର୍ ଜୟନ୍ତୀ ଅବ୍ସରେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍ବାସୀଙ୍କୁ

ଶୁଭେଚ୍ଛା ଜଣେଇକରି କହିଛନ୍, ପୁରାତନ୍ ସମିଆନୁ ଆମର୍ ସମାଜ୍ ଆଉ ପରିବାର୍ ଉପ୍‌ରେ ତାଙ୍କର୍ ସାତ୍ତ୍ୱିକ୍ ଆର୍ ଆଦର୍ଶର ଗୁହେର୍ ପ୍ରଭାବ୍ ରହିଆସିଛେ । ସାମାଜିକ୍ ସୌହାର୍ଦ୍ଦ୍ୟ ଉପ୍‌ରେ ଆଧାରିତ୍ ତାଙ୍କର୍ ବିଚାର୍ ଦେଶ୍‌ବାସୀଙ୍କୁ ସବୁବେଲେ ଆଲୋକିତ କର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜଣେଇଛନ୍ ।

ତୀର୍ଥଯାତ୍ରୀ ବଲାଙ୍ଗିର୍/ ବର୍‌ଗଡ୍ ସମ୍ବାଦଦାତା

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନାଥି ଆଏଜ୍ ବଲାଙ୍ଗିର୍‌ର ଭିନ୍ ଭିନ୍ ଇଲାକାନୁ ଶହେ ୧୯ ଝନ୍ ତୀର୍ଥଯାତ୍ରୀ ଅଯୋଧ୍ୟା- ବାରାଣାସୀ ଯାତ୍ରାଥି ବାହାରିଛନ୍ । ବଲାଙ୍ଗିର୍ ଠାନେ ଆଏଜ୍ ଇ ତୀର୍ଥଯାତ୍ରୀମାନ୍‌କୁ ନେଇକରି ଯାଉଥିବା ବସ୍‌କେ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଶୁଭାରମ୍ଭ କରାଯାଇଥିଲା । ଇ ଅବ୍‌ସରେ ବଲାଙ୍ଗିର୍ ଅତିରିକ୍ତ ଜିଲ୍ଲାପାଲ୍ ଡାକ୍ତର୍ ବିଜୟାନନ୍ଦ ସେଠ, ପର୍ଯ୍ୟଟନ୍ ଅଧିକାରୀ ରଶ୍ମୀରଞ୍ଜନ୍ ମିଶ୍ର ପ୍ରମୁଖ ଉପସ୍ଥିତ୍ ଥିଲେ ।

ସେନ୍ତା ବର୍‌ଗଡ଼୍ ଜିଲ୍ଲାର୍ ଭିଲ୍ ଶହେ ୨୭ ଝନ୍ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରାଥି ବାହାରିଛନ୍ । ଯିବାର୍ ଆଘୋନୁ ତୀର୍ଥଯାତ୍ରୀମାନ୍‌କୁ ବର୍‌ଗଡ଼୍ ଟାଉନ୍‌ହଲ୍ ଠାନେ ପ୍ରଶାସନ୍ ତର୍‌ଫୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ଯୋଜ୍‌ନାଥି ସୁବର୍ଣ୍ଣପୁର୍ ଜିଲ୍ଲାର୍ ୫୦ ଝନ୍ ବରିଷ୍ଠ ନାଗରିକ୍ ଯାତ୍ରା କରୁଛନ୍ । ତୀର୍ଥଯାତ୍ରୀମାନ୍‌କୁ ନେଇକରି ବାହାରିଥିବା ବସ୍‌କେ ଜିଲ୍ଲାପାଳ୍ ଡକ୍ଟର୍ ନୃପରାଜ୍ ସାହୁ ଆଉ ଅଲ୍‌ଗା ଅତିଥି ମାନେ ଶୁଭାରମ୍ଭ କରିଥିଲେ ।

ଦେବ୍‌ଗଡ଼୍ ଜିଲ୍ଲାର୍ ଭିଲ୍ ୨୭ ଝନ୍ ବରିଷ୍ଠ ନାଗରିକ୍ ଅଯୋଧ୍ୟା ବାରାଣାସୀ ଯାତ୍ରାଥି ବାହାରିଛନ୍ ।

ଆଏବାକାଏଲ୍ ଇ ତୀର୍ଥଯାତ୍ରୀମାନେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାର୍ ଯାତ୍ରୀମାନ୍‌କର୍ ସାଙ୍ଗେ ସମ୍ବଲ୍‌ପୁର୍‌ନୁ ଅଯୋଧ୍ୟା-ବାରାଣାସୀକେ ଟ୍ରେନ୍‌ଥି ଯାତ୍ରା କର୍‌ବେ ।

ମା ମାହେଶ୍ୱରୀଙ୍କର୍ ଯାତ୍ରା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଶକ୍ତିପୀଠମାନ୍‌କେ ମା ମାହେଶ୍ୱରୀଙ୍କର୍ ଯାତ୍ରା ଆଉ କୁମାର୍ ପୂର୍ଣ୍ଣିମା ଉତ୍ସବ୍ ପାଳିତ୍ ହେଇଯାଇଛେ । ପରମ୍ପରା ଅନ୍‌ସାରେ ମାହେଶ୍ୱରୀଙ୍କର୍ ମହାଖଳା ପୂଜା ଆଉ ଆଲ୍‌ତୀ ହେଇଥିଲା । ଇ ଅବ୍‌ସରେ ମା'ଙ୍କର୍

ଖଣ୍ଡାକେ ଛତର୍ ସଙ୍ଗେ ନଗର୍ ପରିକ୍ରମା କରାଯାଇଥିଲା । ଇ ସମିଆଥି ବାଡ଼ିଖେଲ୍, ନଗର୍‌କୀର୍ତନ୍ ଆଉ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ଭିଲ୍ ହେଇଥିଲା । ବୌଦ୍ଧ ରାଜ୍‌ବାଟୀ ସହେତେ ବାମଣ୍ଡା, ବୀରନରସିଂହପୁର୍, ବାଉଁଶୁଣି, ଜରାମୁଡ଼ା ଆଉ ବହୁତ୍‌ଟେ ଜାଗା ନ ମାହେଶ୍ୱରୀଙ୍କର୍ ଯାତ୍ରା ଆଉ କୁମାର ପୂର୍ଣ୍ଣିମା ହେଇଯାଇଛେ । ଇତାର୍ ସହେତେ ବଲାକିରା ଗାଁ ନ ଡୁମାଲ୍ ସମାଜ୍ ବାର୍ଷିକ୍ ଉତ୍ସବ୍ ଭିଲ୍ ହେଇଯାଇଛେ । ଇଥି ୧୦ ଟା ପଂଚାୟତ୍‌ର ଡୁମାଲ୍ ସମାଜ୍‌ର ସଦସ୍ୟମାନେ ସାମିଲ୍ ହେଇଥିଲେ ।

ମା ଗଜଲକ୍ଷ୍ମୀଙ୍କର୍ ପୂଜା ସୁବର୍ଣ୍ଣପୁର୍/ ବୌଦ୍ଧ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ବହୁତ୍ ଜାଗା ନ ମା ଗଜଲକ୍ଷ୍ମୀଙ୍କର୍ ପୂଜା ମୁଲ୍ ହେଇଛେ । ସୁବର୍ଣ୍ଣପୁର୍ ସହରର୍ ୩ ଟା ବଡ଼ ମଣ୍ଡପ୍ ସହେତେ ବୀର୍‌ମହାରାଜ୍‌ପୁର୍ ଉପଖଣ୍ଡର୍ ମୁର୍ଷୁଣ୍ଡି ଆର୍ ଖଣ୍ଡହତା ଠାନେ ଉସତ୍ ଉସ୍‌ନାକିଥି ମା'ଙ୍କର୍ ପୂଜା କରାଯାଉଛେ । ପୂଜା ଆଘୋନୁ ହେଇଥିବା କଲସ୍ ଶୋଭାଯାତ୍ରାଥି ଶହ ଶହ ମହିଳା ସାମିଲ୍ ହେଇଥିଲେ । ମା' ଗଜଲକ୍ଷ୍ମୀଙ୍କର୍ ଦର୍ଶନ୍ ଲାଗି ସବୁ ଜାଗା ନ ଶ୍ରଦ୍ଧାଳୁଙ୍କର୍ ଭିଡ଼୍ ଜମୁଛେ । ଇ ଅବ୍‌ସରେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ଭିଲ୍ ଆୟୋଜନ୍ କରାଯାଇଛେ ।

ସେନ୍ତା ବୌଦ୍ଧ ଜିଲ୍ଲା ନ ଭିଲ୍ ଆଏଜ୍ ଗଜଲକ୍ଷ୍ମୀ ପୂଜା ହେଇଯାଇଛେ । ବୌଦ୍ଧ ଏନ୍ଏସି ଛକ୍ ଠାନେ ଲକ୍ଷ୍ମୀ ବଜାର୍ ପୂଜା କମିଟି, ବୁଟୁପାଲି ସହେତେ ବାଉଶୁଣି, ନକୁଆନାଲି ଆଉ ଦେବଗଡ୍ ଠାନେ ଗଜଲକ୍ଷ୍ମୀ ପୂଜା ପାଲିତ୍ ହେଇଛେ । ପଲ୍ସାଗୁରା ଠାନେ ଇ ଅବ୍ସରେ ମୁରାସୁର ଦର୍ବାର୍ ହେଇଛେ ।

ମୁକ୍ତାକାଶ ଚିତ୍ରଶାଳା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁରର୍ କଳା ଅନୁଷ୍ଠାନ୍ ଚିତ୍ରୋତ୍ପଳା ତର୍ଫୁ ମୁକ୍ତାକାଶ ଚିତ୍ରଶାଳା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ୨ ଦିନ୍ତକ୍ ରାଜ୍ୟର୍ ୧୨ ଟା ଜିଲ୍ଲାନୁ ଆସିଥିବା ୨୭ ଝନ୍ ଚିତ୍ରଶିଳ୍ପୀ ଯୋଗ୍ ଦେଇକରି ଚିତ୍ରାଙ୍କନ୍ କରିଛନ୍ । ଆଏଜ୍ ହେଇଥିବା ଉଦ୍ଯାପନୀ ସମାରୋହଥି ଅତିରିକ୍ତ ଜିଲ୍ଲାପାଳ୍ ଅଞ୍ଜଳିନା ପ୍ରଧାନ୍ ଆଉ ଅଲ୍ଗା ଅତିଥି ମାନେ ଯୋଗ୍ ଦେଇକରି ଚିତ୍ରଶିଳ୍ପୀମାନ୍କୁ ସମ୍ବର୍ଦ୍ଧିତ୍ କରିଥିଲେ । ଇ ଅବ୍ସରେ ଜାତୀୟ ପୁରସ୍କାର୍ ପାଇଥିବା ଟେରାକୋଟା ଶିଳ୍ପୀ ମୁକୁନ୍ଦ ରଣାଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍- ବର୍ଷା ଆର୍ଏନ୍ୟୁ/ ସମ୍ବଲପୁର

ଉପର୍‌ମୁଡ଼େ ଜବର୍ ବର୍ଷା ହେବାର୍‌ନୁ ସୁବର୍ଣ୍ଣପୁର୍ ଜିଲ୍ଲା ଘୁଙ୍ଗିନାଳ ବ୍ରିଜ୍ ଉପ୍‌ରେ ୪ ଫୁଟ୍ ପାଏନ୍ ବୁହୁଛେ । ଇଥିର୍‌ଲାଗି ଜିଲ୍ଲାର୍ ବହଲ୍‌ପଦର୍, ଲୁତୁର୍‌ପଙ୍କ୍ ଆଉ ଦୁର୍ଜନ୍‌ତଇଲା ପଂଚାୟତ୍‌କେ ଯୋଗାଯୋଗ ବିଚ୍ଛିନ୍ନ ହେଇଯାଇଛେ । ସେନ୍ତା ସମ୍ବଲ୍‌ପୁରର୍ ବଡ଼ମାଲ୍ ରେଙ୍ଗାଲି ଆଉ ରେଢ଼ାଖୋଲ୍‌କେ ଭିଲ୍ ଯୋଗାଯୋଗ ବିଚ୍ଛିନ୍ନ ହେଇଛେ । ପ୍ରଶାସନ୍ ତର୍‌ଫୁ ଥିତି ଉପ୍‌ରେ ନଜର୍ ରଖାଯାଇଛେ ।

ଆଦି କର୍ମଯୋଗୀ ଅଭିଯାନ୍ ଦେବ୍‌ଗଡ଼୍ ସମ୍ବାଦଦାତା

କେନ୍ଦ୍ର ସର୍‌କାର୍‌ଙ୍କର୍ ଆଦି କର୍ମଯୋଗୀ ଅଭିଯାନ୍‌ଥି ଦେବ୍‌ଗଡ଼୍ ଜିଲ୍ଲାର୍ ୮୮ ଟା ଗାଁକେ ସାମିଲ୍ କରାଯାଇଛେ । ଇତାର୍‌ସହେତେ ଜିଲ୍ଲା ନ ୪୭ ଟା ଆଦି ସେବା କେନ୍ଦ୍ର କାର୍ଯ୍ୟକ୍ଷମ୍ କରାଯାଇଛେ । ଇ ସେବାକେନ୍ଦ୍ରମାନେ ଫି’ ମାସର୍ ପହେଲା ଆଉ ୩ ନମ୍ବର୍ ଶନିବାର୍ ଉପର୍‌ବେଲା ୨ ନୁ ୪ ବଜେତକ୍ ଖୁଲା ରହେବା । କେନ୍ଦ୍ରମାନ୍‌କେ ସୁରକ୍ଷିତ୍ ବାସସ୍ଥାନ୍, ସଫା ପିଇବାର୍ ପାଏନ୍, ପରିମଳ ବ୍ୟବସ୍ଥା, ଉନ୍ନତ୍ ଶିକ୍ଷାର୍ ସୁଯୋଗ୍, ସ୍ୱାସ୍ଥ୍ୟ, ପୁଷ୍ଟି, ସଡ଼କ, ବିଦ୍ୟୁତ୍ ବାଗିର୍ ସର୍‌କାର୍‌ଙ୍କର୍ ପ୍ରମୁଖ ସେବା ମାନ୍ ମିଳିପାର୍‌ବା ବଲି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ସୂଚ୍‌ନା ଦେଇଛନ୍ ।

ବିଶ୍ୱ କପା ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ କପା ଦିବସ୍ । ଅର୍ଥନୈତିକ୍ ଅଭିବୃଦ୍ଧିର୍ ଅନ୍ତର୍ଜାତୀୟ ବେପାର୍ ଆଉ ଗରିବି ହଟାବାର୍ ଦିଗେ କପାର୍ ମହତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ୨୦୧୯ ମସିହାନୁ ମିଳିତ ଜାତିସଂଘର୍ ଖାଦ୍ୟ ଆଉ କୃଷି ସଂଗଠନ୍ -ଏଫ୍‌ଏଓ ତର୍‌ଫୁ ଇ ଦିବସ୍ ପାଲନ୍ କରାଯାଇଆସୁଛେ । ସୂଚ୍‌ନା ଅନ୍‌ସାରେ ସାରା ପୁର୍‌ଥି ନ କପ୍‌ଡ଼ା ତିଆର୍ ଦିଗେ କପାର ବହୁତ୍ ବେଭାର୍ ହେସି । ଇ ଅବ୍‌ସରେ ସାରା ପୁର୍‌ଥି ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଆଏଜ୍ ନୂଆଦିଲ୍ଲୀ ନ ବିଶ୍ୱ କପା ଦିବସ୍ ସମାରୋହ ଆୟୋଜନ୍ କରାଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ପାଗ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ସମ୍ବଲପୁର, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍

ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ଘଡ଼୍‌ଘଡ଼ି ମାରିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଆଏଜ୍ ୨ ଟା ଗେଟ୍ ବନ୍ଦ୍ କରାଯାଇଛେ । ଏଛେନ୍ ୭ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ସଞ୍ଜ୍‌ବେଲର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୯ ଦଶ୍‌ମିକ୍ ୬/୭ ଫୁଟ୍ ରହିଛେ । ଇ ସମିଆଥି ଜଲ୍‌ଭଣ୍ଡାର୍‌କେ ଫି' ସେକେଣ୍ଡ୍‌ଥି ୧ ଲାଖ୍ ୬୩ ହଜାର୍ ୩୮ ଘନଫୁଟ୍ ପାଏନ୍ ଆସୁଥିଲା ବେଲେ ୧ ଲାଖ୍ ୫୦ ହଜାର୍ ୩ ଶହ ୨୯ ଘନଫୁଟ ପାଏନ୍ ଛଡ଼ାଯାଉଛେ ।